# NATIONAL NEWS BULLETIN (ODIA)

## 02 March - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ର ନିର୍ମାଣରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି; କହିଲେ ରାଷ୍ଟ୍ରପତି
- ଭାରତ ଏବଂ କାନାଡ଼ା ବିଶ୍ୱର ଦୁଇଟି ପ୍ରମୁଖ ଅର୍ଥ ବ୍ୟବସ୍ଥା ଓ ସହଭାଗୀ ମୂଲ୍ୟବୋଧ ଆଧାରିତ ସମାଜ; ଭାରତ–କାନାଡ଼ା ସି.ଇ.ଓ. ଫୋରମ୍‌ରେ ମତ ରଖିଲେ ପ୍ରଧାନମନ୍ତ୍ରୀ
- ଇସ୍ରାଏଲ ଓ ଆମେରିକାର ମିଳିତ ସେନା ପକ୍ଷରୁ ଇରାନ୍ ଉପରେ ଆକ୍ରମଣ ବୃଦ୍ଧି ପାଉଥିବାରୁ ପଶ୍ଚିମ ଏସିଆରେ ସଂଘର୍ଷ ତୀବ୍ରତର
- ବେଆଇନ୍ ଅନଲାଇନ୍ ବେଟିଂ ପ୍ଲାଟଫର୍ମ ସମ୍ବନ୍ଧୀୟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଜବତ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ଏବଂ

- ଅନ୍ତର୍ଜାତିକ ମହିଳା ଦିବସ ଅବସରରେ ଆରମ୍ଭ ହେବ ଏ.ଏସ୍.ଏମ୍.ଆଇ.ଟି.ଏ. ଲିଗ୍‌ର ସ୍ୱତନ୍ତ୍ର ସଂସ୍କରଣ

# ପ୍ରେଜ୍-ଆଇଏଏସ୍ ମିଟ୍

ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ସାରା ଦେଶରେ ଶାସନକୁ ସୁଦୃଢ଼ କରିବା ପାଇଁ ବିଭାଗୀୟ ସୀମାରୁ ଉପରକୁ ଉଠିବା ପଡ଼ିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଜ୍ୟ ସିଭିଲ ସର୍ଭିସରୁ ନିଯୁକ୍ତି ପାଇଥିବା ଏବଂ ଲାଲ ବାହାଦୂର ଶାସ୍ତ୍ରୀ ନ୍ୟାସନାଲ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନରେ ୧୨୮ତମ ପ୍ରବର୍ତ୍ତନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆଜି ରାଷ୍ଟ୍ରପତିଙ୍କୁ ଭେଟିଥିଲେ।

ଅଧିକାରୀମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ, ସେମାନେ ଏବେ ଜିଲ୍ଲା କିମ୍ବା ରାଜ୍ୟ ପ୍ରାଥମିକତାଠାରୁ ଦୂରରେ ଥିବା ଦାୟିତ୍ୱ ବହନ କରୁଛନ୍ତି। ଏହି ବୃହତ୍ତର ଦାୟିତ୍ୱଗୁଡ଼ିକ ପାଇଁ ଏକ ବ୍ୟାପକ ଜାତୀୟ ଦୃଷ୍ଟିକୋଣର ଆବଶ୍ୟକତା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଥିଲେ।

ରାଷ୍ଟ୍ରପତି କହିଥିଲେ, ଏହି ଅଧିକାରୀମାନେ ଆଉ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ପ୍ରଶାସକ ନୁହନ୍ତି ବରଂ ସାରା ଦେଶରେ ଶାସନ ମାନର ତତ୍ତ୍ୱାବଧାରକ ରହିବେ। ସେ କହିଛନ୍ତି, ସେମାନେ ନେଉଥିବା ପ୍ରତ୍ୟେକ

ନିଷ୍ପତ୍ତି ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ନିର୍ମାଣ କରିବାର ଲକ୍ଷ୍ୟ ସହିତ ମେଳ ଖାଇବା ଉଚିତ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଆଇ.ଏ.ଏସ୍. ଅଧିକାରୀ ଭାବେ ସେମାନେ ଲୋକମାନଙ୍କ ଆବଶ୍ୟକତା ଏବଂ ଆକାଂକ୍ଷାକୁ ପୂରଣ କରିବା ପାଇଁ ନୀତିଗୁଡ଼ିକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବେ ବୋଲି ରାଷ୍ଟ୍ରାପତି ଆଶାପୋଷଣ କରିଛନ୍ତି । ସେ ସେମାନଙ୍କୁ  ଜଟିଳ ଆହ୍ୱାନଗୁଡ଼ିକର ମୁକାବିଲା କରିବା ସମୟରେ ସେମାନଙ୍କର ମୂଲ୍ୟବାନ ଅଭିଜ୍ଞତା ଏବଂ 'ରାଷ୍ଟ୍ର ପ୍ରଥମେ' ଭାବନା ଦ୍ୱାରା ପରିଚାଳିତ ହେବାକୁ ପରାମର୍ଶ ଦେଇଥିଲେ ।

## ପିଏମ୍- ଇଣ୍ଡିଆ କାନାଡ଼ା ବିଜିନେସ୍ ଫୋରମ୍ ।

ଭାରତ ଏବଂ କାନାଡା ହେଉଛି ସ୍ପନ୍ଦିତ ଗଣତନ୍ତ୍ର, ବିଶ୍ୱର ଦୁଇଟି ପ୍ରମୁଖ ଅର୍ଥବ୍ୟବସ୍ଥା ଏବଂ ସହଭାଗୀ ମୂଲ୍ୟବୋଧ ଉପରେ ଆଧାରିତ ସମାଜ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଭାରତ-କାନାଡା ସି.ଇ.ଓ. ଫୋରମ୍ ଅବସରରେ ନିଜର ମନ୍ତବ୍ୟ ରଖି ଶ୍ରୀ ମୋଦୀ କହିଛନ୍ତି' ଗଣତନ୍ତ୍ର, ବିବିଧତା ଏବଂ ବିକାଶ ଉଭୟ ରାଷ୍ଟ୍ରକୁ ସ୍ୱାଭାବିକ ଅଂଶୀଦାର ଭାବେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥାଏ । ସେ କହିଛନ୍ତି, ଆଜି ଭାରତ ହେଉଛି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥବ୍ୟବସ୍ଥା । ଏହି ପରିବର୍ତ୍ତନ ପଛରେ ଦୃଢ଼ ଘରୋଇ ଚାହିଦା, ଯୁବ ଜନସଂଖ୍ୟା, ବ୍ୟାପକ ନିବେଶ ଏବଂ ଡିଜିଟାଲ ଟେକ୍ନୋଲୋଜିର ଶକ୍ତି ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଏମ୍ଇଏ–କାନାଡ଼ିଆନ୍ ପିଏମ୍ ଭିଜିଟ

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ବ୍ୟାପକ ପରିବର୍ତ୍ତନ ଆଣିବ। କାନାଡ଼ା ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ସମୟରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ପୂର୍ବପ୍ରାନ୍ତ ସଚିବ ପି.କୁମାରନ୍ କହିଛନ୍ତି, ଏହି ଗସ୍ତ ଅବସରରେ ସ୍ୱଚ୍ଛ ଶକ୍ତି ଏବଂ ଫିନ୍‌ଟେକ୍ କ୍ଷେତ୍ର ସମେତ ଯଥେଷ୍ଟ ବାଣିଜ୍ୟିକ ଫଳାଫଳ ମଧ୍ୟ ଦେଖାଦେଇଛି। ସେ କହିଛନ୍ତି, ଶକ୍ତି, ସହଯୋଗ ଏହି ଗସ୍ତର ନିର୍ଣ୍ଣାୟକ ସ୍ତମ୍ଭ ଭାବେ ଉଭା ହୋଇଛି। ଶ୍ରୀ କୁମାରନ୍’ କାନାଡ଼ା ପ୍ରଧାନମନ୍ତ୍ରୀ ବ୍ୟାପକ ଆର୍ଥିକ ସହଭାଗିତା ଚୁକ୍ତିନାମାରେ ସି.ଇ.ପି.ଏ. ଉପରେ ଆଲୋଚନାର ଶୀଘ୍ର ସମାପ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ବିଗତ ବର୍ଷମାନଙ୍କରେ ଉଭୟ ଦେଶ ସମ୍ପର୍କକୁ ସ୍ୱାଭାବିକ କରିବା ପାଇଁ ସ୍ଥିରତାର ସହ କାର୍ଯ୍ୟ କରିଛନ୍ତି।

## ସୀତାରମଣ– ଏଆଇଆଇବି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣ ଆଜି ନୂଆଦିଲ୍ଲୀରେ ଏସୀୟ ଭିତ୍ତିଭୂମି ନିବେଶ ବ୍ୟାଙ୍କ (ଏ.ଆଇ.ଆଇ.ବି.)ର ନୂତନ ଅଧ୍ୟକ୍ଷ ଜୋଉ ଜିୟାଇଙ୍କୁ ଭେଟିଛନ୍ତି। ବୈଠକରେ ଉଭୟ ପକ୍ଷ’ ଭାରତ ଏବଂ ଏ.ଆଇ.ଆଇ.ବି. ଭାଗିଦାରୀକୁ ସୁଦୃଢ଼ କରିବା ଉପରେ ଆଲୋଚନା

କରିଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅର୍ଥ ମନ୍ତ୍ରଣାଳୟ କହିଛି, ସେମାନେ ଭାରତରେ ଭିତ୍ତିଭୂମି କ୍ଷେତ୍ରରେ ପ୍ରାରମ୍ଭିକ ଅପ୍‌ଷ୍ଟ୍ରିମ ସେବା ମାଧ୍ୟମରେ ଏ.ଆଇ.ଆଇ.ବି. ସହିତ ସହଯୋଗ ବୃଦ୍ଧି କରିବାର ଗୁରୁତ୍ୱ ଉପରେ ମଧ୍ୟ ଆଲୋଚନା କରିଥିଲେ।

ବିଭିନ୍ନ ଅଭିନବ ଆର୍ଥିକ ଏବଂ ଅଣ-ଆର୍ଥିକ ଉପକରଣ ଜରିଆରେ ଏ.ଆଇ.ଆଇ.ବି. ସଦସ୍ୟ ରାଷ୍ଟ୍ର, ବିଶେଷ କରି ସ୍ୱଳ୍ପ ଆୟକାରୀ ରାଷ୍ଟ୍ରଗୁଡ଼ିକରେ ନିବେଶ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଏହି ବୈଠକରେ ନିର୍ମଳା ସୀତାରାମଣ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ବଜେଟ୍ ୨୦୨୬ ଅଧୀନରେ ଭିତ୍ତିଭୂମି ପରିଚାଳିତ ଅଭିବୃଦ୍ଧି ଉପରେ ଦେଶର ନିରନ୍ତର ଧ୍ୟାନ ଉପରେ ମଧ୍ୟ ଶ୍ରୀମତୀ ସୀତାରାମଣ ଆଲୋକପାତ କରିଥିଲେ। ପୁଞ୍ଜି ବଜାରର ବିକାଶ, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ପ୍ରକଳ୍ପଗୁଡ଼ିକର ଅନୁମୋଦନକୁ ତ୍ୱରାନ୍ୱିତ କରିବା ଏବଂ ଭାରତରେ ଏକ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାରେ ଏ.ଆଇ.ଆଇ.ବି'ର ଭୂମିକା ଉପରେ ମଧ୍ୟ ଶ୍ରୀମତୀ ସୀତାରମଣ ଗୁରୁତ୍ୱାରୋପ କରିଥିଲେ।

## ଜିତେନ୍ଦ୍ର-ୟୁଏସ୍ ଡେଲିଗେସନ୍

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ଉନ୍ନତ ଜୈବ ଉତ୍ପାଦନ କ୍ଷେତ୍ରରେ ଭାରତ ଏବଂ ଆମେରିକା ଏକ ସଂରଚିତ ଭାରତ-ଡିଲାୱେୟାର ଭାଗିଦାରୀ ଦିଗରେ ଅଗ୍ରସର ହେବା

ଉଚିତ। ଆଜି ନୂଆଦିଲ୍ଲୀରେ ଡେଲାଓ୍ୱେର ଗଭର୍ଣ୍ଣର ମ୍ୟାଟ୍ ମେୟରଙ୍କ ନେତୃତ୍ୱରେ ଗସ୍ତ କରିଥିବା ଆମେରିକୀୟ ପ୍ରତିନିଧି ଦଳ ସହିତ ଏକ ବୈଠକ କରି ଡକ୍ଟର ସିଂହ ଗବେଷଣା, ଉତ୍ପାଦନ ଏବଂ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ୍ କ୍ଷେତ୍ରରେ ଆଲୋଚନାକୁ ଦୃଢ଼ ସହଯୋଗରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କାର୍ଯ୍ୟ ଗୋଷ୍ଠୀ ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଜୈବପ୍ରଯୁକ୍ତି ଭାରତ-ଆମେରିକା ବ୍ୟାପକ ରଣନୈତିକ ଭାଗିଦାରୀର ଏକ ପ୍ରମୁଖ ସ୍ତମ୍ଭ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଜୈବପ୍ରଯୁକ୍ତି ଏବଂ ଫାର୍ମାସ୍ୟୁଟିକାଲ୍ ନବସୃଜନ ପାଇଁ ଏକ ବିଶ୍ୱସ୍ତରୀୟ ହବ୍ ଭାବରେ ଦେଶର ଉତ୍‌ଥାନ ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ। ଏହି ବୈଠକରେ ଉଭୟ ପକ୍ଷ ଔଷଧ, ଜୈବପ୍ରଯୁକ୍ତି, ସ୍ୱଚ୍ଛ ଶକ୍ତି ଏବଂ ନବସୃଜନ ଆଧାରିତ ଶିଳ୍ପ ବିକାଶ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଇଡି- ବେଟିଂ ପ୍ଲାଟଫମମ

ବେଆଇନ ଅନଲାଇନ୍ ବେଟିଂ ପ୍ଲାଟଫର୍ମ ସମ୍ବନ୍ଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ–ଇଡି’ ଆଜି ପ୍ରାୟ ୧୮ କୋଟି ଟଙ୍କା ମୂଲ୍ୟର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଜବତ କରିଛି। ଇଡି କହିଛି, ଏହି ମାମଲାରେ ଜବତ ହୋଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ବର୍ତ୍ତମାନ ୩୭ କୋଟି ୨୩ ଲକ୍ଷ ଟଙ୍କା ରହିଛି। ଏହି ପ୍ଲାଟଫର୍ମ ଭାରତରେ ବିନା ଅନୁମତିରେ କାର୍ଯ୍ୟ କରୁଥିଲା ଏବଂ ଏକାଧିକ ମିରର୍ ୱେବସାଇଟ୍ ମାଧ୍ୟମରେ ବେଆଇନ ଅନଲାଇନ୍

ବେଟିଂ ଏବଂ ଜୁଆ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଥିଲା । ଇଡି ସାଧାରଣ ଜନତାଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ଏବଂ ସନ୍ଦିଗ୍ଧ ୟୁପିଆଇ ଆଇଡି କିମ୍ବା ଅଜ୍ଞାତ ପେମେଣ୍ଟ ଲିଙ୍କକୁ ପାଣ୍ଠି ସ୍ଥାନାନ୍ତର ନକରିବାକୁ ଓ ଏହିପରି ପ୍ଲାଟଫର୍ମରେ ବ୍ୟକ୍ତିଗତ କିମ୍ବା ବ୍ୟାଙ୍କିଙ୍ଗ ବିବରଣୀ ସେୟାର ନକରିବାକୁ କହିଛି । ଏହା ଉପରେ ଅଧିକ ତଦନ୍ତ ଜାରି ରହିଛି ।

## ୱାର-ୱେଷ୍ଟଏସିଆ

ଇସ୍ରାଏଲ ଓ ଆମେରିକାର ମିଳିତ ସେନା ପକ୍ଷରୁ ଇରାନ୍ ଉପରେ ନୂତନ କ୍ଷେପଣାସ୍ତ୍ର ଡ୍ରୋନ୍ ଆକ୍ରମଣ ବୃଦ୍ଧି ପାଉଥିବାରୁ ପଶ୍ଚିମ ଏସିଆରେ ସଂଘର୍ଷ ତୀବ୍ର ହୋଇଛି ।   ଅନ୍ୟପକ୍ଷରେ ଇସ୍ରାଏଲ ଏବଂ ଆମେରିକା ଇରାନ୍‌ରେ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ ଅବ୍ୟାହତ ରହିଛି । ବ୍ରିଟେନ୍, ଫ୍ରାନ୍ସ ଏବଂ ଜର୍ମାନୀ କହିଛନ୍ତି, ସେମାନେ ଇରାନ୍ ଆକ୍ରମଣର ମୁକାବିଲା ପାଇଁ ଆମେରିକାକୁ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ ଏବଂ ଉପସାଗରୀୟ ଦେଶଗୁଡ଼ିକର ଏକ ଗୋଷ୍ଠୀ କହିଛି, ଇରାନୀ ଆକ୍ରମଣର ଜବାବ ଦେବା ପାଇଁ ସେମାନଙ୍କର ଅଧିକାର ରହିଛି ।

ଓମାନର ସାମୁଦ୍ରିକ ସୁରକ୍ଷା କେନ୍ଦ୍ରର ରିପୋର୍ଟ ଅନୁସାରେ, ମସ୍କାଟ ଗଭର୍ଣ୍ଣୋ ରେଟ୍ ଉପକୂଳରୁ ୫୨ ନଟିକାଲ ମାଇଲ ଦୂରରେ ଯାତ୍ରା

କରୁଥିବା ଏକ ତେଲ ଟ୍ୟାଙ୍କର ଉପରେ ଏକ ବିସ୍ଫୋରକ ଭର୍ତ୍ତି ଡଙ୍ଗା ଦ୍ୱାରା ଆକ୍ରମଣ ଫଳରେ ଜଣେ କ୍ରୁ ସଦସ୍ୟଙ୍କର ମୃତ୍ୟୁ ହୋଇଥିଲା । ।

ଅପରେସନ୍ ଏପିକ୍ ଫ୍ୟୁରି ସମର୍ଥନରେ ଉଡ଼ାଣ କରିଥିବା ତିନୋଟି ଆମେରିକୀୟ ଲଢୁଆ ଯୁଦ୍ଧ ବିମାନ ଏଫ୍-15E ଷ୍ଟ୍ରାଇକ୍ ଇଗଲ୍ ଗତକାଲି ରାତିରେ କୁଏତ ଉପରେ ଖସି ପଡ଼ିଥିଲା, ଯାହାକୁ ଆମେରିକୀୟ ସାମରିକ ଅଧିକାରୀମାନେ ଏକ ସ୍ପଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ଅଗ୍ନିକାଣ୍ଡ ଘଟଣା ବୋଲି ବର୍ଣ୍ଣନା କରିଥିଲେ ଏବଂ ସମସ୍ତ ୬ ଜଣ ବିମାନ କର୍ମଚାରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ। ଅଧିକାରୀମାନେ କହିଛନ୍ତି, ଇରାନୀୟ ବିମାନ, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌ର ଆକ୍ରମଣ ସହିତ ଜଡିତ ସକ୍ରିୟ ଲଢ଼େଇ ସମୟରେ, ଆମେରିକୀୟ ବାୟୁସେନା ବିମାନ କୁଏତ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ଭୁଲବଶତଃ ଗୁଳି କରାଯାଇ ଖସାଇ ଦିଆଯାଇଥିଲା।

କୁଏତ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଅନେକ ଆମେରିକୀୟ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। କିନ୍ତୁ ସେମାନଙ୍କର କର୍ମଚାରୀମାନେ ବଞ୍ଚିଯାଇଛି। ଅଧିକାରୀ କହିଛନ୍ତି, କର୍ତ୍ତୃପକ୍ଷ ତୁରନ୍ତ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। କର୍ମଚାରୀମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଛି। ସେମାନଙ୍କ ଅବସ୍ଥା ସ୍ଥିର ରହିଛି।

ବଢୁଥିବା ଉତ୍ତେଜନା ମଧ୍ୟରେ ଇରାନ୍‌ର ଶୀର୍ଷ ସୁରକ୍ଷା ଅଧିକାରୀ ଅଲ୍ଲୀ ଲାରିଜାନି କହିଛନ୍ତି, ଇରାନ୍’ ଆମେରିକା ସହିତ କୌଣସି ଆଲୋଚନା କରିବା ନାହିଁ। ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘାଚି ଆକ୍ରମଣକୁ ବେଆଇନ୍ ବର୍ଣ୍ଣନା କରିବା ସହିତ ଇରାନ୍‌ର କାର୍ଯ୍ୟକୁ ଆତ୍ମସୁରକ୍ଷା ଉଦ୍ଦେଶ୍ୟରେ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି।

କୁଏତରେ ହତ୍ୟା କରାଯାଇଥିବା ତିନି ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁର ପ୍ରତିଶୋଧ ୱାଶିଂଟନ୍ ନେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ କହିଛନ୍ତି, ୯ଟି ଇରାନୀ ଯୁଦ୍ଧ ଜାହାଜ ବୁଡ଼ିଯାଇଛି ଏବଂ ଇରାନୀ ନୌସେନା ମୁଖ୍ୟାଳୟ ଧ୍ୱଂସ ପାଇଛି।

ସାଉଦି ଆରବର ରାସ୍ ଟାନୁରା ତୈଳ ବିଶୋଧନାଗାର ଉପରେ ଇରାନ୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ ପରେ କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ ବନ୍ଦ କରି ଦେଇଛନ୍ତି। ଗତକାଲି ଆମେରିକା ଏବଂ ଇରାନୀ ସାମଗ୍ରୀକ କାର୍ଯ୍ୟାନୁଷ୍ଠାନ ସମୟରେ ଇରାନ୍‌ର ନାଟାଞ୍ଜରେ ଦେଶର ପରମାଣୁ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଥିବା ନେଇ ଜାତିସଂଘ ପରମାଣୁ ପ୍ରତ୍ୟକ୍ଷ ସଂସ୍ଥାରେ ଇରାନ୍‌ର ରାଷ୍ଟ୍ରଦୂତ ରେଜା ନଜାଫି କହିଛନ୍ତି। ମିଲିସିଆ ଗୋଷ୍ଠୀ ହେଜବୁଲ୍ଲା କହିଛି, ଲେବାନନ୍‌ରୁ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ୩୧ ଜଣ ପ୍ରାଣ ହରାଇଛନ୍ତି ବୋଲି ହେଜବୁଲ୍ଲା ଦାବି କରିଛି। ଅନ୍ୟପକ୍ଷରେ ଇସ୍ରାଏଲ କହିଛି, ଇରାନ୍ ଯୁଦ୍ଧ ଜାରି ରହିବା

ପର୍ଯ୍ୟନ୍ତ ଗାଜା କ୍ରସିଂ ବନ୍ଦ ରହିବ। ଦେଶବ୍ୟାପୀ ଲାଗୁ ହୋଇଥିବା କଟକଣା ବୁଧବାର ରାତି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ।

## ଅମିତଶାହା- ପରିବର୍ତ୍ତନ ଯାତ୍ରା

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଅମିତ ଶାହା ଆଜି ଦକ୍ଷିଣ ୨୪ ପ୍ରଗଣାର ରାଇଦିଘିରୁ ଭାରତୀୟ ଜନତା ପାର୍ଟିର 'ପରିବର୍ତ୍ତନ ଯାତ୍ରା'ର ଶୁଭାରମ୍ଭ କରି କହିଛନ୍ତି, ପଶ୍ଚିମବଙ୍ଗର ଲୋକମାନେ ବର୍ତ୍ତମାନ ପରିବର୍ତ୍ତନ ଚାହୁଁଛନ୍ତି।  ଶାହା ତାଙ୍କ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତୃଣମୂଳ କଂଗ୍ରେସ ନେତୃତ୍ୱକୁ ସମାଲୋଚନା କରିଥିଲେ।

ରାଜ୍ୟରେ ବେଆଇନ ଅନୁପ୍ରବେଶ ଏକ ପ୍ରମୁଖ ଚିନ୍ତାର ବିଷୟ ବୋଲି ବିଜେପିର ଦୀର୍ଘ ଦିନର ଅଭିଯୋଗକୁ ଦୋହରାଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅନୁପ୍ରବେଶ ପ୍ରସଙ୍ଗ ଉଠାଇଥିଲେ। ଦେଶରୁ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ତାଙ୍କ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ।

ରାଜ୍ୟ ବିଜେପି ସଭାପତି ସୁକାନ୍ତ ମଜୁମଦାର ଏବଂ ଅନ୍ୟ ଦଳର ନେତାଙ୍କ ଉପସ୍ଥିତିରେ ଶ୍ରୀ ଶାହା ଏହି ଯାତ୍ରାକୁ ଉଦଘାଟନ କରିଥିଲେ। ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗର ୯ଟି ଭିନ୍ନ ସ୍ଥାନରୁ ଏହି ପରିବର୍ତ୍ତନ ଯାତ୍ରା ବାହାର କରାଯିବ ବୋଲି ବିଜେପି ଘୋଷଣା କରିଛି।

# ଅସ୍ମିତା ଲିଗ୍– ସ୍ପୋର୍ଟସ ମିନିଷ୍ଟ୍ରି

ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ଼ସେ ଆଜି ନୂଆଦିଲ୍ଲୀରେ 'କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କୁ ପ୍ରେରଣା ଦେଇ କ୍ରୀଡ଼ା ମାଇଲଖୁଣ୍ଟ ହାସଲ କରିବା' (ଏ.ଏସ୍.ଏମ୍.ଆଇ.ଟି.ଏ.) ଲିଗର୍ ଏକ ସ୍ୱତନ୍ତ୍ର ସଂସ୍କରଣ ଘୋଷଣା କରିଛନ୍ତି। ଏହି ଲିଗ୍ ଚଳିତ ମାସ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆରମ୍ଭ ହେବ। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ସାରା ଦେଶରେ ମହିଳା କ୍ରୀଡ଼ାବିତମାନଙ୍କୁ ତୃଣମୂଳ ସ୍ତରରେ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମଞ୍ଚ ପ୍ରଦାନ କରିବ। ୧୩ ବର୍ଷରୁ କମ୍, ୧୩ରୁ ୧୮ ବର୍ଷ ଏବଂ ୧୮ ବର୍ଷରୁ ଅଧିକ ଏହି ତିନୋଟି ବୟସ ବର୍ଗରେ ଝିଅମାନଙ୍କ ପାଇଁ ପ୍ରତିଯୋଗିତା ଆୟୋଜନ କରାଯିବ। ଆଥଲେଟିକ୍ସ ଇଭେଣ୍ଟରେ ୧୦୦ ମିଟର, ୨୦୦ ମିଟର ଏବଂ ୪୦୦ ମିଟର ଦୌଡ଼ ଅନ୍ତର୍ଭୁକ୍ତ।